MARKETS TODAY
ପୁଞ୍ଜିବଜାର ହାଲଚାଲ

SENSEX	35,432.39 – 114.94 (– 0.32%)
NIFTY	10,741.10 – 30.95 (– 0.29%)

ସୁନା 24K (MCX) (Rs/10g.) 30,565

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 67.98

ପୁଣି ଆସିଲା ପାନାମା; ନୂଆ ଧନ କୁବେରଙ୍କୁ ନେଇ ଚର୍ଚ୍ଚା

PVR
AJAY BIJLI
Founder of PVR

ନୂଆଦିଲ୍ଲୀ, ୨୧/୬ (ଏଜେନ୍ସି) : ପୁଣି ଥରେ ପାନାମା ପେପର୍ସକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ୨ ବର୍ଷ ପୂର୍ବେ ପାନାମା ଲ' ଫାର୍ମ ମସାକ୍ ଫ୍ରାନ୍ସକୋ ସଂସ୍ଥାର କିଛି ଦସ୍ତାବିଜ୍ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଭାରତ ସମେତ ବିଶ୍ୱର ଏକାଧିକ ଧନ କୁବେର ଟିକସ ଛାଡ଼ ଦେଶଗୁଡ଼ିକରେ ସେମାନଙ୍କ କଳା ଧନ ଠୁଳ କରିଥିବା ଜଣାପଡ଼ିଥିଲା । ସମ୍ପ୍ରତି ପୁଣି ଥରେ ଉପରୋକ୍ତ ସଂସ୍ଥାର ଆଉ କିଛି ଦସ୍ତାବିଜ ଗଣମାଧ୍ୟମର ହସ୍ତଗତ ହୋଇଛି । ଏହି ତଥ୍ୟ ଅନୁଯାୟୀ ଆଉ କିଛି ନୂଆ କଳା କାରବାରୀଙ୍କ ନାମ ସାମ୍ନାକୁ ଆସିଛି ।

୧୨ ଲକ୍ଷରୁ ଉର୍ଦ୍ଧ୍ୱର ଦସ୍ତାବିଜକୁ ବିଶ୍ୱର ପ୍ରମୁଖ ସାମ୍ବାଦିକ ଅନୁଧାନ କରିବା ସହ ତନ୍ମଧ୍ୟରୁ ୧୨୦୦୦ ଦସ୍ତାବିଜ୍ ଭାରତୀୟ ଧନ କୁବେର ସମ୍ପର୍କିତ ବୋଲି ପୁଷ୍ଟି କରିଛନ୍ତି । ଦୁଇ ବର୍ଷ ପୂର୍ବେ ପାନାମା ପେପର୍ସ ଦ୍ୱାରା ହୋଇଥିବା ଖୁଲାସାରେ ୫୦୦ ଭାରତୀୟଙ୍କ ନାମ ସାମ୍ନାକୁ ଆସିଥିଲା । ସେତେବେଳେ କେନ୍ଦ୍ର ସରକାର ପକ୍ଷରୁ ଏକ ମଲ୍ଟି ଏଜେଣ୍ଟ ଗ୍ରୁପ୍‌ର ନିର୍ମାଣ କରି ୪୨୬ ଜଣ ଭାରତୀୟଙ୍କ ସମ୍ପର୍କରେ ଯାଞ୍ଚ ଆରମ୍ଭ କରିଥିଲେ । ଏହି ତଦନ୍ତରେ ୧୦୦୦ କୋଟି କଳାଧନର ସୂରାକ ମିଳିଥିଲା ।

ଅନ୍ୟପଟେ ନୂଆ ଦସ୍ତାବିଜକୁ ଅନୁଧାନ କଲେ ଏଥିରେ ଏକାଧିକ ବଡ଼ ବ୍ୟବସାୟୀଙ୍କ ନାମ ପଦାକୁ ଆସିଛି । ସେମାନଙ୍କ ମଧ୍ୟରୁ ପିଭିଆର୍ ସିନେମା ମାଲିକ ଅଜୟ ବିଜଲି ଓ ତାଙ୍କ ପରିବାରବର୍ଗ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସେହିପରି ହାଇକ୍ ମ୍ୟାସେଞ୍ଜରର ମାଲିକ ତଥା ସିଇଓ ତଥା ଟେଲିକମ୍ ଦିଗଜ ସୁନୀଲ ମିତ୍ତଲଙ୍କ ଝିଅ କବୀନ ମିତ୍ତଲଙ୍କ ନାମ ମଧ୍ୟ ନୂଆ ପାନାମା ତାଲିକାରେ ରହିଛି । ସେହିପରି ଏସିଆନ୍ ପେଣ୍ଟସ୍ କମ୍ପାନୀ ମାଲିକ ଅଶ୍ୱିନୀ ଦାନୀଙ୍କ ପୁଅ ଜଲଜ ଦାନୀଙ୍କ ନାମ ମଧ୍ୟ ତାଲିକାରେ ରହିଛି । ପାନାମା ଲିକ୍‌ରେ ପ୍ରଥମ ଖୁଲାସାରେ ଭାରତର ଏକାଧିକ ବ୍ୟବସାୟୀ ବିଦେଶରେ ଥିବା ଟିକସ ଛାଡ଼ ଦେଶଗୁଡ଼ିକରେ ସେମାନଙ୍କ ଅର୍ଥ ଲୁଚାଇ ରଖିଥିବା ଅଭିଯୋଗ ଉଠିଥିଲା ।

ସେନା ଉପରେ ରାଜନୈତିକ ଚାପ ନାହିଁ : ସେନାଧ୍ୟକ୍ଷ ରାଓ୍ୱତ

BIPIN RAWAT

ନୂଆଦିଲ୍ଲୀ, ୨୧/୬ (ଏଜେନ୍ସି) : ଜାମ୍ମୁ-କାଶ୍ମୀରରେ ଏକ ମାସ ବ୍ୟାପୀ ଅସ୍ତ୍ରବିରତି ପରେ ଏଣିକି ରାଜ୍ୟରୁ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନଗୁଡ଼ିକର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏଭଳି ଆତଙ୍କବାଦକୁ ଆଦୌ ସହ୍ୟ କରିବ ନାହିଁ ଏବଂ ଏହାକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ସେ କହିଛନ୍ତି । ଆତଙ୍କବାଦ ଜର୍ଜରିତ ଜାମ୍ମୁ-କାଶ୍ମୀରରେ ଶାନ୍ତି ଫେରାଇ ଆଣିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଜାମ୍ମୁ-କାଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହେବା ଦ୍ୱାରା ସେନାର ଆତଙ୍କବାଦ ଦମନ ଅଭିଯାନ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେନାମୁଖ୍ୟ ଜେନେରାଲ୍ ବିପିନ ରାଓ୍ୱତ କହିଛନ୍ତି । ବୁଧବାର ଜେନେରାଲ ରାଓ୍ୱତ କହିଥିଲେ ଯେ, ରାଜ୍ୟପାଳ ଶାସନ ସତ୍ତ୍ୱେ ଆମର ଆତଙ୍କବାଦ ଦମନ ଅଭିଯାନ ପୂର୍ବବତ୍ ଜାରି ରହିବ । କାରଣ ଆମେ କେବେହେଲେ ରାଜନୈତିକ ହସ୍ତକ୍ଷେପର ସମ୍ମୁଖୀନ ହୋଇନଥାଉ । ରମଜାନ ମାସ ପାଇଁ ରାଜ୍ୟରେ ସାମୟିକ ଭାବେ ଆତଙ୍କବାଦ ଦମନ ଅଭିଯାନ ବନ୍ଦ ରହିଥିଲା । ଏବେ ଏହା ସ୍ୱାଭାବିକ ଭାବେ ଆରମ୍ଭ ହୋଇଛି । ଏହାଛଡ଼ା ରାଜ୍ୟପାଳ ଶାସନ ଅଧୀନରେ କାର୍ଯ୍ୟ କରିବା ଅଧିକ ସହଜ ବୋଲି ମତ ଦେଇଛନ୍ତି ଜାମ୍ମୁ-କାଶ୍ମୀର ପୁଲିସ ମହାନିର୍ଦ୍ଦେଶକ ଏସ୍.ପି.ବୈଦ୍ୟ ।

ଅନ୍ୟପଟେ 'ରାଇଜିଂ କାଶ୍ମୀର'ର ସମ୍ପାଦକ ସୁଜାତ ବୁଖାରୀ ଏବଂ ସେନା ଯବାନ ଔରଙ୍ଗଜେବଙ୍କ ହତ୍ୟା ଘଟଣାକୁ ଭାରତ ଜାତିସଂଘରେ ଉଠାଇବା ସହିତ ଜାମ୍ମୁ-କାଶ୍ମୀରରେ ମାନବିକତା ଉଲ୍ଲଂଘନ ସମ୍ବନ୍ଧୀୟ ଏହାର ରିପୋର୍ଟକୁ କଡ଼ା ନିନ୍ଦା କରିଛି । ଆତଙ୍କବାଦୀମାନେ କାଶ୍ମୀରରେ ସାଧାରଣ ଜନତାଙ୍କ ସ୍ୱର ଦବାଇବା ଉଦ୍ଦେଶ୍ୟରେ ଏଭଳି ବର୍ବର ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ଜେନେଭା ଠାରେ ଜାତିସଂଘ ମାନବିକ ଅଧିକାର ପରିଷଦରେ ଭାରତର ସ୍ଥାୟୀ ପ୍ରତିନିଧି ରାଜୀବ କେ.ଚନ୍ଦର କହିଛନ୍ତି । ସେହିଭଳି ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ପାକିସ୍ତାନକୁ ଆମେରିକା ମଧ୍ୟ କଡ଼ା ନିନ୍ଦା କରିଛି । ଆତଙ୍କବାଦର ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନ ମାଟିରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯିବ ବୋଲି ଆମେରିକା ନାଟୋ ସେନାର ମୁଖ୍ୟ ଅଷ୍ଟିନ୍ ମୁଲର ଆମେରିକୀୟ କଂଗ୍ରେସରେ କହିଛନ୍ତି ।

ହିନ୍ଦୁ-ମୁସଲିମ୍ ଦମ୍ପତିଙ୍କୁ ମିଳିଲା ପାସପୋର୍ଟ



ନୂଆଦିଲ୍ଲୀ, ୨୧/୬ (ଏଜେନ୍ସି) : ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଏକ ହିନ୍ଦୁ-ମୁସଲିମ୍ ଦମ୍ପତିଙ୍କ ପାସପୋର୍ଟ ଆବେଦନ ଗ୍ରହଣ କରୁନଥିବା ଅଧିକାରୀଙ୍କ ବିରୋଧରେ ବଡ଼ ପଦକ୍ଷେପ ନିଆଯିବା ସହ ଶେଷରେ ଦମ୍ପତିଙ୍କୁ ପାସପୋର୍ଟ ପ୍ରଦାନ କରାଯାଇଛି । ଦାୟିତ୍ୱରେ ଥିବା ପାସପୋର୍ଟ ଅଧିକାରୀ ପ୍ରଥମେ ଏହି ଦମ୍ପତିଙ୍କୁ ପାସପୋର୍ଟ ଦେବାକୁ ମନା କରିବାରୁ ଏହାକୁ ନେଇ ବିବାଦ ଜୋର୍ ଧରିଥିଲା । ଏହାକୁ କେନ୍ଦ୍ର କରି ମହମ୍ମଦ ଅନସ ସିଦ୍ଦିକି ଓ ତାଙ୍କ ପତ୍ନୀ ତନ୍ୱୀ ସେଠ ଏକ ସାମ୍ବାଦିକ ସମ୍ମିଳନୀ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପାସପୋର୍ଟ ଅଧିକାରୀ ଶ୍ରୀ ସିଦ୍ଦିକିଙ୍କୁ ଧର୍ମ ପରିବର୍ତ୍ତନ କରିବା ସହ ନାମ ପରିବର୍ତ୍ତନ ଓ ଗୋ-ମନ୍ତ୍ର ପଢ଼ିବାକୁ କହିଥିବା ସେ ଅଭିଯୋଗ କରିଥିଲେ ।

ବୁଧବାର ଲକ୍ଷ୍ନୌ ପାସପୋର୍ଟ କାର୍ଯ୍ୟାଳୟ ହିନ୍ଦୁ-ମୁସଲିମ୍ ଦମ୍ପତିଙ୍କ ଆବେଦନକୁ ଖାରଜ କରିଦେଇଥିଲା । ମହମ୍ମଦ ଅନସ ସିଦ୍ଦିକି ଓ ତନ୍ୱୀ ସେଠ ଗତ ୨୦୦୭ରେ ବିବାହ କରିଥିଲେ । ପରେ ସେମାନେ ଲକ୍ଷ୍ନୌସ୍ଥିତ ପାସପୋର୍ଟ କାର୍ଯ୍ୟାଳୟରେ ଆବେଦନ ମଧ୍ୟ କରିଥିଲେ । ତେବେ ପାସପୋର୍ଟ ଅଧିକାରୀ ବିକାଶ ମିଶ୍ର ଉଭୟଙ୍କ ଧର୍ମ ଓ ନାମ ପରିବର୍ତ୍ତନ ପାଇଁ ଚାପ ଦେଇଥିବା ସେମାନେ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ ।

ଅନ୍ୟପଟେ ଏଭଳି ଅଭିଯୋଗ ଗଣମାଧ୍ୟମରେ ପ୍ରକାଶ ହେବା ମାତ୍ରେ ଗୋଟିଏ ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ବଦଳି କରି ଦିଆଯାଇଛି । ଏଭଳି ଆବେଦନରେ କୌଣସି ଦମ୍ପତିଙ୍କୁ ତାଙ୍କ ବିବାହର ପ୍ରମାଣ ପତ୍ର ଆଣିବାର ଆବଶ୍ୟକତା ନାହିଁ ବୋଲି ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଉଭୟଙ୍କୁ ପାସପୋର୍ଟ ପ୍ରଦାନ କରିବା ସହ ଗଣମାଧ୍ୟମରେ ସ୍ପଷ୍ଟୀକରଣ ଦେଇଛନ୍ତି । ଏହି ଦମ୍ପତି ଜୁନ୍ ୧୯ରେ ପାସପୋର୍ଟ ପାଇଁ ଆବେଦନ କରିଥିଲେ । ସିଦ୍ଦିକୀ ତାଙ୍କ ପାସପୋର୍ଟ ନବୀକରଣ ପାଇଁ ଆବେଦନ କରିଥିବାବେଳେ ତନ୍ୱୀ ସେଠ ନୂଆ କରି ପାସପୋର୍ଟ ପାଇଁ ଆବେଦନ କରିଥିଲେ । ଉଭୟଙ୍କ ପାସପୋର୍ଟ ଆବେଦନ ଖାରଜ କରିଦେବାରୁ ସେମାନେ ଘଟଣା ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ଟ୍ୱିଟ୍ କରିବା ସହ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଗଣମାଧ୍ୟମରେ ପ୍ରକାଶ କରିଥିଲେ । ପାସପୋର୍ଟ ଅଧିକାରୀ ଜଣକ ଦମ୍ପତିଙ୍କ ୬ ବର୍ଷର ଶିଶୁର ନାମ ପରିବର୍ତ୍ତନ କରିବାକୁ ମଧ୍ୟ ବାଧ କରିଥିବା ସେମାନେ ଗଣମାଧ୍ୟମରେ ଅଭିଯୋଗ କରିଥିଲେ । ଏପରିକି ଧର୍ମ ପରିବର୍ତ୍ତନ କରିବା ସହ ଉଭୟ ଦମ୍ପତିଙ୍କ ସମସ୍ତ ନାମ ବଦଳାଇ ପୁନଃ ଆବେଦନ କରିବାକୁ ପାସପୋର୍ଟ ଅଧିକାରୀ ଶ୍ରୀ ମିଶ୍ର ଯୁକ୍ତି ଦର୍ଶାଇଥିଲେ ।

ବୀରପ୍ପାନ୍‌କୁ ମାରିଥିବା ଓ ମାଓବାଦୀଙ୍କୁ ନିପାତ କରିଥିବା ଦବଙ୍ଗ ଅଧିକାରୀ ଏବେ କାଶ୍ମୀରରେ



ନୂଆଦିଲ୍ଲୀ, ୨୧/୬ (ଏଜେନ୍ସି) : ବୀରାପ୍ପାନକୁ ମାରିବା ସହ ମାଓବାଦୀଙ୍କ ଗଡ଼କୁ ବିଧ୍ୱଂସ କରିଥିବା ଦକ୍ଷ ପୁଲିସ ଅଧିକାରୀ କେ ବିଜୟ କୁମାରଙ୍କୁ ଏବେ କାଶ୍ମୀର ରାଜ୍ୟପାଳଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି । କେ.ବିଜୟ କୁମାରଙ୍କ ନେତୃତ୍ୱରେ ଏସ୍‌ଆଇଟି ତାମିଲନାଡୁରେ କୁଖ୍ୟାତ ଚନ୍ଦନକାଠ ଓ ହାତୀଦାନ୍ତ ତସ୍କର ବୀରପ୍ପାନକୁ ମାରିବାରେ ସଫଳ ହୋଇଥିଲା । ଏହାପରେ ସେ ବିଏସ୍‌ଏଫ୍ ଆଇଜି ଓ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ତୁଲାଇଥିଲେ । ସେ କିଛି ବର୍ଷ ପାଇଁ କାଶ୍ମୀରରେ କାର୍ଯ୍ୟ କରିଥିଲେ । ସେହିପରି ଛତିଶଗଡ଼ କ୍ୟାଡରର ଆଇଏଏସ୍ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମଙ୍କୁ ଜାମ୍ମୁ କାଶ୍ମୀରର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ବି.ଭି.ବ୍ୟାସଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି ।

ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିବାହ କରିଛି; ସେ ମୋ ପାଇଁ ଭଗବାନ ରାମ ସଦୃଶ : ଯଶୋଦା ବେନ

ଅହମ୍ମଦାବାଦ, ୨୧/୬ (ଏଜେନ୍ସି) : ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିବାହ କରିଛି । ସେ ମୋ ପାଇଁ ଭଗବାନ ରାମଙ୍କ ସଦୃଶ ବୋଲି ଯଶୋଦାବେନ୍ କହିଛନ୍ତି । ବିବାହର କିଛି ଦିନ ପର ଠାରୁ ସେମାନେ ଅଲଗା ରହୁଛନ୍ତି । ମଧ୍ୟପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ମୋଦି ଅବିବାହିତ ବୋଲି କହିଥିଲେ । ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶିତ ହୋଇଥିଲା । ଏହାର ପ୍ରତିକ୍ରିୟାରେ ବୁଧବାର ଯଶୋଦାବେନ୍ କହିଥିଲେ ଯେ, "ମୋଦି ବିବାହ କରିଛନ୍ତି । ସେ ମୋ ପାଇଁ ରାମ ସଦୃଶ ।" ୨୦୧୪ ମସିହାରେ ଲୋକସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ବିବାହିତ ବୋଲି ଦର୍ଶାଇଥିବା ସେ ପ୍ରକାଶ କରିଛନ୍ତି । ମଧ୍ୟପ୍ରଦେଶର ରାଜ୍ୟପାଳ ମୋଦି ଅବିବାହିତ ବୋଲି ଦେଇଥିବା ପ୍ରତିକ୍ରିୟାକୁ ନେଇ ଯଶୋଦାବେନ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଯଶୋଦାବେନ୍ ଏବେ ନିଜ ଭାଇଙ୍କ ସହ ଗୁଜୁରାଟରେ ଉତ୍ତର ଥିବା ଉନ୍‌ଝାରେ ରହୁଛନ୍ତି ।

ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଟିଭି ରିଆଲିଟି ସୋ' କଳାକାର ଗିରଫ

ମୁମ୍ବାଇ, ୨୧/୬ (ଏଜେନ୍ସି) : ଜଣେ ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ଟିଭି ରିଅଲିଟି ସୋ' ଅଭିନେତା ଆଦିତ୍ୟ କାପୁରଙ୍କୁ ପୋଲିସ ଗିରଫ କରିଛି । ୨୨ ବର୍ଷୀୟ ଏହି ଅଭିଯୁକ୍ତ ଜଣେ ୧୭ ବର୍ଷୀୟ ନାବାଳିକା ସହ ବନ୍ଧୁତା କରିବା ସହ ତାକୁ ନିଜ ଫ୍ଲାଟ୍‌କୁ ଡାକିଥିଲେ । ଏହି ଅବସରରେ ନାବାଳିକାର ଖାଦ୍ୟ ଓ ପାନୀୟରେ ନିଶା ଦ୍ରବ୍ୟ ମିଶାଇ ଦେଇଥିଲେ । ଅର୍ଦ୍ଧଚେତନ ଅବସ୍ଥାରେ ନାବାଳିକାକୁ ବଳାତ୍କାର କରିବା ପରେ ସେ ଏକ ଫାଷ୍ଟଫୁଡ୍ ଦୋକାନ ନିକଟରେ ଛାଡ଼ି ଦେଇଥିଲେ । ଏହାପରେ ନାବାଳିକା ନିଜ ଘର ଲୋକଙ୍କୁ ଫୋନ୍ କରି ଡାକିଥିଲା । ଏହାପରେ ପୁଲିସ ସିସି ଟିଭି ଆଧାରରେ ଅଭିଯୁକ୍ତ ଆଦିତ୍ୟକୁ ଗିରଫ କରିଛି ।

ସିଂହଙ୍କୁ ହଇରାଣ କଲେ ୭ ବର୍ଷ ଜେଲ୍

ଅହମ୍ମଦାବାଦ, ୨୧/୬ (ଏଜେନ୍ସି) : ଏବେ ଗୁଜରାଟର ଗିର ଅଭୟାରଣ୍ୟରେ ସିଂହମାନଙ୍କୁ ହଇରାଣ କଲେ ୭ ବର୍ଷ ଜେଲ୍ ଦଣ୍ଡ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଗତ କିଛି ମାସ ହେଲା ଗିର୍ ଅଭୟାରଣ୍ୟରେ ସିଂହମାନଙ୍କୁ ବିଭିନ୍ନ ସମୟରେ ହଇରାଣ କରାଯାଉଥିବାର ଭିଡିଓ ଭାଇରାଲ୍ ହୋଇଥିଲା । ଏହା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କିଛି ଲୋକ ସିଂହମାନଙ୍କୁ ପ୍ରଲୋଭିତ କରି ଖୋଲା ଓ ଜନବସତି ଅଞ୍ଚଳକୁ ଆଣୁଥିଲେ । ଅମରଭେଲି ଓ ଭାବନଗରରେ ଥିବା ୧୦୯ ବର୍ଗ କି.ମି. ଅଞ୍ଚଳରେ ଏହି ନିର୍ଦ୍ଦେଶ ଲାଗୁ ହେବ । ଏବେ ଗିର୍ ଅଭୟାରଣ୍ୟରେ ୫୨୩ଟି ସିଂହ ଅଛନ୍ତି । ଗିର୍ ଅଭୟାରଣ୍ୟ ୧୫ଶହ ବର୍ଗ କି.ମି. ଅଞ୍ଚଳରେ ବ୍ୟାପିଛି ।

ଘରେ ପାର୍କିଂ ସ୍ଥାନ ନଥିଲେ କିଣିପାରିବେନି ଗାଡି

ବେଙ୍ଗାଲୁର,୨୧/୬(ଏଜେନ୍ସି) : ଘରେ ପାର୍କିଂ ପାଇଁ ସୁବିଧା ନଥିଲେ ଗାଡ଼ି ପଞ୍ଜିକରଣ ପାଇଁ ଅନୁମତି ମିଳିବ ନାହିଁ। ନୂଆ ଗାଡ଼ି କିମ୍ବା ଡିଜେଲ ଗାଡ଼ି ପଞ୍ଜୀକରଣ ବେଳେ ବାସଗୃହରେ ଗାଡି ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଥିବା ପ୍ରମାଣ ପତ୍ର ଦାଖଲ କରିବାକୁ ପଡିବ। ବେଙ୍ଗାଲୁରରେ ଏଭଳି ନିୟମ ଲାଗୁ ହେବାକୁ ଯାଉଛି। ୨୦୧୯ରୁ ଏହି କଟକଣାକୁ କଡ଼ାକଡ଼ି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତା ପୂର୍ବରୁ ବର୍ଷେ ପର୍ଯ୍ୟନ୍ତ ଏ ସମ୍ପର୍କରେ ଜନସଚେତନତା ଅଭିଯାନ ଆରମ୍ଭ ହେବ। କର୍ଣ୍ଣାଟକ ପର୍ଯ୍ୟଟନ ମନ୍ତ୍ରୀ ଡି ସି ଥମ୍ମନ୍ନାଙ୍କ କହିବା ଅନୁଯାୟୀ ଗୋଟିଏ ପରିବାର ପାଖରେ ଏକାଧିକ ଗାଡି ରହିଛି। ଘରେ ପାର୍କିଂ ସ୍ଥାନ ନଥିବାରୁ ସେମାନେ ରାସ୍ତା ଉପରେ ଗାଡି ପାର୍କିଂ କରୁଛନ୍ତି। ଏହାଦ୍ୱାରା ସହରରେ ଟ୍ରାଫିକ ସମସ୍ୟା କ୍ରମଶଃ ଉତ୍କଟ ହେଉଛି। ତେଣୁ ନୋ ପାର୍କିଂ ପ୍ଲେସ ନୋ ରେଜିଷ୍ଟ୍ରେସନ ନିୟମ କଡ଼ାକଡ଼ି କରାଯିବ।

ଦିଲ୍ଲୀର ୧୫ ଆଇପିଏସ୍‌ଙ୍କୁ ଅନ୍ୟ ରାଜ୍ୟକୁ ବଦଳି

ନୂଆଦିଲ୍ଲୀ, ୨୧/୬ (ଏଜେନ୍ସି) : ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ରାଜ୍ୟର ୧୫ ଆଇପିଏସ୍‌ଙ୍କୁ ଅନ୍ୟ ରାଜ୍ୟକୁ ବଦଳି କରିଛନ୍ତି । ଏନେଇ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି । ଉପରାଜ୍ୟପାଳ ଅନିଲ ବୈଜାଲଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ କେଜରିୱାଲ ଏବଂ ଅନ୍ୟ ମନ୍ତ୍ରୀମାନେ ଚଳାଇଥିବା ଅନଶନ ଭଙ୍ଗ କରିବାର ଗୋଟିଏ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି । ଦିଲ୍ଲୀ ଉତ୍ତରାଞ୍ଚଳ ଯୁଗ୍ମ ପୁଲିସ କମିଶନର ଡାକ୍ତର ସାଗର ପ୍ରୀତ ହୁଡାଙ୍କୁ ଅରୁଣାଚଳପ୍ରଦେଶକୁ ସ୍ଥାନାନ୍ତର କରାଯାଇଛି । ସେହିପରି ଟ୍ରାଫିକ ପୁଲିସ ଅତିରିକ୍ତ କମିଶନର କିମି କାନିଙ୍ଗଙ୍କୁ ଗୋଆ, ପୁଲିସ ମୁଖ୍ୟ କାର୍ଯ୍ୟାଳୟ ଅତିରିକ୍ତ ପୁଲିସ କମିଶନର ଏମ୍.ଏନ୍.ତିୱାରୀଙ୍କୁ ମିଜୋରାମ୍, ଟ୍ରାଫିକ ଡିସିପି ବିଜୟ ସିଂହଙ୍କୁ ଆଣ୍ଡମାନ ଏବଂ ନିକୋବାର, ଦ୍ୱାରକା ଜିଲ୍ଲା ଡିସିପି ସିବେସ ସିଂହଙ୍କୁ ଲକ୍ଷାଦ୍ୱୀପ, ପିଟିସି ଉପଅଧ୍ୟକ୍ଷ ପରମାଦିତ୍ୟଙ୍କୁ ଗୋଆ, ଉତ୍ତରାଞ୍ଚଳ ଡିସିପି ଜତିନ ନାରୱାଲଙ୍କୁ ଆଣ୍ଡମାନ ଏବଂ ନିକୋବରକୁ ବଦଳି କରାଯାଇଛି । ଏଭଳି ୧୫ ଆଇପିଏସ୍ ଅଧିକାରୀଙ୍କୁ ଅରୁଣାଚଳପ୍ରଦେଶ, ଆଣ୍ଡମାନ ଏବଂ ନିକୋବର, ଗୋଆ, ମିଜୋରାମ ଭଳି ରାଜ୍ୟକୁ ବଦଳି କରାଯାଇଛି ।

ଗୁଟ୍‌ଖା ଖାଇ ଚାକିରି ହରାଇଲେ ୩୪ ଟ୍ରାଫିକ୍ ପୋଲିସ୍

ଲକ୍ଷ୍ନୌ, ୨୧/୬ (ଏଜେନ୍ସି) : ଉତ୍ତରପ୍ରଦେଶର ରାମପୁର ଜିଲ୍ଲାରେ ଗୁଟ୍‌ଖା ଖାଇ ୩୪ ଜଣ ଟ୍ରାଫିକ୍ ପୋଲିସ ଚାକିରୀ ହରାଇଛନ୍ତି । କାମ ସମୟରେ ଏମାନେ ଗୁଟ୍‌ଖା ଖାଉଥିବା ଯୋଗୁଁ ଚାକିରୀରୁ ନିଲମ୍ବନ କରାଯାଇଛି । କାମ କରୁଥିବାବେଳେ କେଉଁ ଟ୍ରାଫିକ୍ ପୁଲିସମାନେ ବିଭିନ୍ନ ନିୟମ ଉଲ୍ଲଂଘନ କରୁଛନ୍ତି ସେ ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯାଞ୍ଚ କରିଥିଲେ । କିଛି ଟ୍ରାଫିକ୍ ପୁଲିସ ବିନା ହେଲମେଟ୍‌ରେ ମଟର ସାଇକେଲ୍ ଚଳାଉଥିବାବେଳେ ଧରାପଡ଼ି ଜରିମାନା ଦେଇଛନ୍ତି । ରାମପୁର ଏସ୍‌ପି ବିପିନ ଟାଡା ନିଜେ ଏକ ଟିମ୍ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ପୁଲିସ ପୋଷାକରେ ଥାଇ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କୁ ଧରିଥିଲେ । ଏମାନଙ୍କ ଠାରୁ ଜରିମାନା ଆଦାୟ କରିବା ସହ ଗୁଟ୍‌ଖା ଖାଉଥିବା ବ୍ୟକ୍ତିମାନଙ୍କୁ ନିଲମ୍ବିତ କରିଥିଲେ । ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ନିଜେ ସଚେତନ ହେଲେ ସାଧାରଣ ଲୋକଙ୍କୁ ଅଧିକ ସଚେତନ କରିପାରିବେ । ଏହାଦ୍ୱାରା ବିଭିନ୍ନ ସଡ଼କ ଦୁର୍ଘଟଣାକୁ ଦୂର କରିହେବ ବୋଲି ରାମପୁର ଏସ୍.ପି. ବିପିନ ଟାଡା କହିଛନ୍ତି ।

ସରକାରୀ ଖର୍ଚ୍ଚ କାଟ୍ ହେଲେ କୃଷକଙ୍କ ଋଣ ଛାଡ ସମ୍ଭବ : କୁମାରସ୍ୱାମୀ

ବେଙ୍ଗାଲୁର, ୨୧/୬ (ଏଜେନ୍ସି) : କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି.କୁମାରସ୍ୱାମୀ ଖର୍ଚ୍ଚ କାଟ୍ ଓ ବିଳାସପୂର୍ଣ୍ଣ ଜୀବନଶୈଳୀରୁ ଯଥାସମ୍ଭବ ଦୂରେଇ ରହିବା ପାଇଁ ତାଙ୍କ ମନ୍ତ୍ରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ନୂଆ କାର୍ କିଣିବା, ବିଜନେସ୍ କ୍ଲାସ୍‌ରେ ବିମାନଯାତ୍ରା, ସରକାରୀ ବାସଗୃହକୁ ବିଳାସପୂର୍ଣ୍ଣ କରିବା ଉଦ୍ୟମରୁ ନିବୃତ ରହିବାକୁ କୁମାରସ୍ୱାମୀ କହିଛନ୍ତି । ଏହାଦ୍ୱାରା କୃଷକଙ୍କୁ ଋଣ ଛାଡ଼ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିବ ବୋଲି ସେ କହିଛନ୍ତି । ଖର୍ଚ୍ଚକାଟ ପାଇଁ ଆହ୍ୱାନ ଦେବା ପୂର୍ବରୁ କୁମାରସ୍ୱାମୀ ନିଜେ ତାହା କରି ଦେଖାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଭବନକୁ ନଯାଇ ସେ ଜେପି ନଗରସ୍ଥିତ ନିଜ ଘରେ ରହିବେ ଏବଂ ସରକାରୀ ରେଞ୍ଜ ରୋଭର ଗାଡ଼ି ବଦଳରେ ବ୍ୟକ୍ତିଗତ ଏସ୍‌ୟୁଭି ବ୍ୟବହାର କରିବେ ବୋଲି ଘୋଷଣା କରିଛନ୍ତି ।

ବିଜେପି ଏକ ଆତଙ୍କବାଦୀ ସଂଗଠନ : ମମତା



କୋଲକତା, ୨୧/୬ (ଏଜେନ୍ସି) : ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ସମୟରେ ସଂଗଠିତ ହିଂସାକାଣ୍ଡକୁ ନେଇ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଅଭିଯୋଗ ଓ ପ୍ରତିଅଭିଯୋଗ ଜାରି ରହିଛି । ଏଥର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି । ସେ ଗୁରୁବାର ଏକ କାର୍ଯ୍ୟକ୍ରମରେ ବିଜେପିକୁ ଆତଙ୍କବାଦୀ ସଂଗଠନ ବୋଲି କହିଛନ୍ତି । ବିଜେପି ନେତାମାନେ ମୁସଲମାନଙ୍କୁ ଲଢ଼ାଉଛନ୍ତି ଏବଂ ହିନ୍ଦୁଙ୍କ ମଧ୍ୟରେ ଫାଟ ସୃଷ୍ଟି କରୁଛନ୍ତି ବୋଲି ମମତା କହିଛନ୍ତି । ଏହାସହ ମମତା କହିଥିଲେ ଯେ, ବିଜେପି ଏକ ଗର୍ବୀଙ୍କ ଦଳ ଓ ଏହାର ନେତାମାନେ କେବଳ ଶାସନ ପାଇଁ ରାଜନୀତି କରୁଛନ୍ତି । ବିଜେପି ନେତାମାନେ ମୁସଲମାନ, ଖ୍ରୀଷ୍ଟିଆନ୍ ଓ ଶିଖଙ୍କୁ ପସନ୍ଦ କରନ୍ତି ନାହିଁ । ସେମାନେ ଲୋକଙ୍କୁ ପିଟିପିଟି ହତ୍ୟା କରୁଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ବୁଧବାର ପଶ୍ଚିମ ଦିଲ୍ଲୀ ଲୋକସଭା ମଣ୍ଡଳସ୍ଥିତ ଟିଏମ୍‌ସି କାର୍ଯ୍ୟାଳୟ ଆଗରେ ବିଜେପି କର୍ମୀ ଏବଂ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପ୍ରଦର୍ଶନରେ କେନ୍ଦ୍ର ମନ୍ତ୍ରୀ ବାବୁଲ ସୁପ୍ରିୟୋ, ସାଂସଦ ପ୍ରବେଶ ବର୍ମା, ବିଧାୟକ ମାଞ୍ଜିନ୍ଦର ସିଂହ ସିରସା, ବିଜେପି ନେତା ରବୀନ୍ଦ୍ର ଗୁପ୍ତା, ଜୟପ୍ରକାଶ, ରମେଶ ଖନ୍ନା, ସୁମନ ପ୍ରକାଶ ଶର୍ମା ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୁପ୍ରିୟୋ କହିଥିଲେ ଯେ, ପଶ୍ଚିମବଙ୍ଗ ଗଣତନ୍ତ୍ର ଆନ୍ଦୋଳନରେ ସହିଦ ଦଳିତ କାର୍ଯ୍ୟକର୍ତ୍ତା ତ୍ରିଲୋଚନ ମାହତୋଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦିଆଯିବ ନାହିଁ । ବିଜେପି ଖୁବ୍ ଶିଘ୍ର ପଶ୍ଚିମବଙ୍ଗକୁ ଟିଏମ୍‌ସିର କୁଶାସନରୁ ମୁକ୍ତ କରିବ । ସେପଟେ ପୁଲିସ ପଶ୍ଚିମବଙ୍ଗ ରାଜ୍ୟ ବିଜେପି ସଭାପତି ଦିଲ୍ଲୀପ ଘୋଷଙ୍କ ବିରୋଧରେ ଉତ୍ତେଜକ ଭାଷଣ ପାଇଁ ମାମଲା ରୁଜୁ କରିଛି । ତାଙ୍କ ବିରୋଧରେ ଆଇପିସିର ଧାରା ୧୪୩, ୧୮୬, ୧୮୮ ଏବଂ ୫୦୬ରେ ମାମଲା ରୁଜୁ ହୋଇଛି । ଏହାପରେ ଗୁରୁବାର କୋଲକତାରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗ ଦେଇ ବିଜେପି ଉପରେ ବର୍ଷିବା ସହ ଏହାକୁ ଏକ ଆତଙ୍କବାଦୀ ସଂଗଠନ ବୋଲି କହିଥିଲେ ।

ମହିଳାଙ୍କୁ ଜାଣିଶୁଣି ସ୍ପର୍ଶ କରି ଅସଦାଚରଣ କରୁଥିବା ରେଳବାଇ ପୁଲିସ ନିଲମ୍ବିତ



ମୁମ୍ବାଇ, ୨୧/୬ (ଏଜେନ୍ସି) : ମୁମ୍ବାଇ କଲ୍ୟାଣ ଷ୍ଟେସନରେ ଏକ ବେଞ୍ଚରେ ବସିଥିବା ମହିଳାଙ୍କ ପିଠିକୁ ବାରମ୍ବାର ଖରାପ ଉଦ୍ଦେଶ୍ୟରେ ସ୍ପର୍ଶ କରୁଥିବା ଜନୈକ ରେଳବାଇ ପୁଲିସ ବା ଆର୍‌ପିଏଫ୍ କନେଷ୍ଟବଲଙ୍କ ଭିଡିଓ ଭାଇରାଲ୍ ହେବା ପରେ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଛି । ପୁଲିସ ପୋଷାକରେ ରହି ସେ ,ପରି ଅସଦାଚରଣ କରୁଥିବାର ଭିଡିଓ ଭାଇରାଲ୍ ହୋଇଥିଲା । ଏହି କନେଷ୍ଟବଲ ଜଣଙ୍କ ସେଠାରେ ମହିଳାମାନଙ୍କ ସୁରକ୍ଷା ପାଇଁ ମୁତୟନ ହୋଇଥିଲେ । ଏହାପରେ ସେ ବେଞ୍ଚରେ ବସିଥିଲେ ଓ ସେଠାରେ ଥିବା ଜଣେ ମହିଳାଙ୍କ ପିଠିକୁ ଖରାପ ଉଦ୍ଦେଶ୍ୟରେ ବାରମ୍ବାର ସ୍ପର୍ଶ କରିଥିଲେ । କିଛି ଯାତ୍ରୀ ଏହାକୁ ନିଜ ମୋବାଇଲ୍‌ରେ ସୁଟିଂ କରିଥିଲେ । ଅନ୍ୟ ଜଣେ ଯାତ୍ରୀ ଉକ୍ତ କନେଷ୍ଟବଲକୁ ଚାପୁଡ଼ା ମାରିଥିଲେ । ଏହାପରେ ସେ ସେଠାରୁ ପଳାଇଯିବା ପାଇଁ ଉଦ୍ୟମ କରିଥିଲେ । ଏହି ଭିଡିଓ ଭାଇରାଲ୍ ହେବା ପରେ ବିଭିନ୍ନ ଖବର ପ୍ରକାଶନ ସଂସ୍ଥାରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଅଭିଯୁକ୍ତ କନେଷ୍ଟବଲକୁ ନିଲମ୍ବିତ କରାଯାଇଥିବାବେଳେ ସେ ସେବେଠାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି ।